# "ୟୁକ୍ରେନ ଶାନ୍ତି ଶିଖର ସମ୍ମିଳନୀ"ରେ ଭାରତର ଅଂଶଗ୍ରହଣ

ଜୁନ୍ ୧୬, ୨୦୨୪

ବୈଦେଶିକ ବ୍ୟାପାର ମନ୍ତ୍ରାଳୟର ସଚିବ (ପଶ୍ଚିମ) ଶ୍ରୀ ପବନ କପୁର ୧୫-୧୬ ଜୁନ୍ ୨୦୨୪ରେ ବୁର୍ଗେନଷ୍ଟକ୍ ଠାରେ ସ୍ୱିଜରଲ୍ୟାଣ୍ଡ ଦ୍ୱାରା ଆୟୋଜିତ ୟୁକ୍ରେନରେ ଶାନ୍ତି ଶିଖର ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ଭାରତୀୟ ପ୍ରତିନିଧି ଦଳ ଶିଖର ସମ୍ମିଳନୀର ଉଦଘାଟନୀ ଓ ସମାପନୀ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଶିଖର ସମ୍ମିଳନୀରୁ ବାହାରିଥିବା କୌଣସି ବିଜ୍ଞପ୍ତି/ଦସ୍ତାବିଜ ସହ ଭାରତ ନିଜକୁ ସେଥିରେ ସାମିଲ କରିନାହିଁ।

ଶିଖର ସମ୍ମିଳନୀରେ ଏବଂ ୟୁକ୍ରେନର ଶାନ୍ତି ଫର୍ମୁଲା ଉପରେ ଆଧାରିତ ପୂର୍ବ NSA/ରାଜନୈତିକ ନିର୍ଦ୍ଦେଶକ ସ୍ତରୀୟ ବୈଠକରେ ଭାରତର ଅଂଶଗ୍ରହଣ ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ବିବାଦର ସ୍ଥାୟୀ ଏବଂ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆମର ନିରନ୍ତର ଆଭିମୁଖ୍ୟ ସହିତ ସମାନ ଥିଲା । ଆମେ ବିଶ୍ୱାସ କରୁଛୁ ଯେ ଏଭଳି ବିବାଦର ସମାଧାନ ପାଇଁ ଦୁଇ ପକ୍ଷ ମଧ୍ୟରେ ଆନ୍ତରିକ ଏବଂ ବ୍ୟବହାରିକ ଯୋଗାଯୋଗ ରହିବା ଆବଶ୍ୟକ ।

ଏହି ପରିପ୍ରେକ୍ଷୀରେ, ଭାରତ ଶୀଘ୍ର ଏବଂ ସ୍ଥାୟୀ ଭାବେ ଶାନ୍ତି ଫେରାଇ ଆଣିବା ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରୟାସରେ ଯୋଗଦାନ କରିବା ପାଇଁ ସମସ୍ତ ଅଂଶୀଦାର ଏବଂ ଉଭୟ ପକ୍ଷଙ୍କ ସହ ଯୋଗାଯୋଗ ଜାରି ରଖିବ।

**ବର୍ନ**
**ଜୁନ୍ ୧୬, ୨୦୨୪**